# H.E. Mr. John Kerry, US Special Presidential Envoy for Climate calls on Prime Minister Shri Narendra Modi

April 07, 2021

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଲେ ଜଳବାୟୁ ପରିବର୍ତ୍ତନ ଉପରେ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଦୂତ ଜନ୍ କେରି

ଏପ୍ରିଲ 07, 2021

ଜଳବାୟୁ ଉପରେ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଦୂତ ମହାମହିମ ଶ୍ରୀ ଜନ୍ କେରି ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି ।

ଶ୍ରୀ କେରି ରାଷ୍ଟ୍ରପତି ବାଇଡେନଙ୍କ ଶୁଭେଚ୍ଛା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ । ନିକଟରେ ରାଷ୍ଟ୍ରପତି ବାଇଡେନଙ୍କ ସହ କ୍ୱାଡ ଲିଡର୍ସ ସମ୍ମିଳନୀରେ ହୋଇଥିବା ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ମତ ବିନିମୟକୁ ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ ଏବଂ ରାଷ୍ଟ୍ରପତି ବାଇଡେନ ଓ ଉପରାଷ୍ଟ୍ରପତି କମଲା ହାରିସଙ୍କୁ ଶୁଭେଚ୍ଛା ଜଣାଇଦେବା ପାଇଁ ଶ୍ରୀ କେରିଙ୍କୁ ଅନୁରୋଧ କରିଥିଲେ ।

ଭାରତରେ ଗତ ଦୁଇ ଦିନ ମଧ୍ୟରେ ତାଙ୍କର ଫଳପ୍ରଦ ଆଲୋଚନା ବିଷୟରେ ଶ୍ରୀ କେରି ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଭାରତର ଉଚ୍ଚାଭିଳାଷୀ ଅକ୍ଷୟ ଶକ୍ତି ଯୋଜନାକୁ ନେଇ ସେ ଏକ ସକାରାତ୍ମକ ମତ ପ୍ରକାଶ କରିଥିଲେ । 22-23 ଏପ୍ରିଲ 2021ରେ ଜଳବାୟୁ ଉପରେ ଆଗାମୀ ନେତୃବୃନ୍ଦଙ୍କ ସମ୍ମିଳନୀ ବିଷୟରେ ସେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପ୍ୟାରିସ ଚୁକ୍ତିନାମା ଅନୁଯାୟୀ ଭାରତ ଏହାର ନିର୍ଦ୍ଦିଷ୍ଟ ଜାତୀୟ ଅଂଶଦାନକୁ ପୂରଣ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ଏହାକୁ ପୂରଣ କରିବାରେ ଅଗ୍ରଣୀ ଦେଶ ମଧ୍ୟରେ ଭାରତ ଅନ୍ୟତମ । ଶ୍ରୀ କେରି ମଧ୍ୟ ଉଲ୍ଲେଖ କରିଥିଲେ ଯେ, ସବୁଜ ପ୍ରଯୁକ୍ତିବିଦ୍ୟା ତଥା ଆବଶ୍ୟକ ଅର୍ଥ ଯୋଗାଇ ଦେବା ଲାଗି ଆମେରିକା ଭାରତର ଜଳବାୟୁ ଅନୁକୂଳ ଯୋଜନାକୁ ସହଯୋଗ କରିବ । ପ୍ରଧାନମନ୍ତ୍ରୀ ସହମତ ହୋଇଥିଲେ ଯେ, ଭାରତ ଏବଂ ଆମେରିକା ମଧ୍ୟରେ ସହଯୋଗ ବିଶେଷକରି ନବୋନ୍ମେଷ ସହିତ ସବୁଜ ପ୍ରଯୁକ୍ତିବିଦ୍ୟାର ନିୟୋଜନ ଅନ୍ୟ ଦେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ ।

**ନୂଆଦିଲ୍ଲୀ**
**ଏପ୍ରିଲ 07, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.